# Akashvani, Sambalpur

## SAMBALPURI NEWS BULLETIN

### 21 May 2024- 6.47- 6.52 am.

**********************************************

୨ ନମ୍ବର୍ ଖେପ୍ ଭୋଟ୍        ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପେ ବର୍ଗଡ୍, ସୁନ୍ଦର୍ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ସହେତେ ୫ ଟା ଲୋକ୍ସଭା ଆସନ୍ ଆଉ ଇତାର୍ ଅଧୀନ୍ଥି ଥିବା ୩୫ ଟା ବିଧାନ୍ସଭା ଆସନ୍ ଲାଗି ଗଲାକାଏଲ୍ ଭୋଟର୍ ମାନେ ମତଦାନ୍ ଅଧିକାର୍ ସାବ୍ୟସ୍ତ କରିଛନ୍ । ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ମିଳିଥିବା ସୂଚ୍ନା ଅନ୍ସାରେ ଇ ଖେପେ ୬୯ ଦଶ୍ମିକ୍ ୩/୪ ପ୍ରତିଶତ୍ ମତଦାନ୍ ହେଇଛେ । ଇ ଖେପେ କେତେଟା ଜାଗା ନ ଡେରିରାତିତକ୍ ମତଦାନ୍ ଚାଲିଥିଲା । ବଲାଙ୍ଗିର୍ର ୧୫ ଟା ବୁଥ୍ ନ ରାତିର୍ ସାଢ଼େ ୧୦ ବଜେତକ୍ ଲୁକେ ଭୋଟ୍ ଦେଇଥିଲେ । ଇଥି ଲୋକ୍ସଭା ଆଉ ବିଧାନ୍ସଭା ଆସନ୍ ଲାଗି ମୋଟ୍ ୩ ଶହ ୫ ଝନ୍ ପ୍ରାର୍ଥୀ ରହିଛନ୍ ।

ବର୍‌ଗଡ଼୍ ଲୋକ୍‌ସଭା ଆସନ୍ ନ ସବୁନୁ ଅଏତ୍‌କା ୭୬ ଦଶ୍‌ମିକ୍ ୨/୦ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ ବଲାଙ୍ଗିର୍ ନ ୭୧ ଦଶ୍‌ମିକ୍ ୪/୬ ପ୍ରତିଶତ୍, ସୁନ୍ଦର୍‌ଗଡ଼୍ ନ ୬୭ ଦଶ୍‌ମିକ୍ ୭/୪ ପ୍ରତିଶତ୍,  କନ୍ଧମାଲ୍ ନ ୭୦ ଦଶ୍‌ମିକ୍ ୩/୭ ପ୍ରତିଶତ୍ ଆର୍ ଆସ୍କା ଲୋକ୍‌ସଭା ଆସନ୍‌ଥି ୬୦ ଦଶ୍‌ମିକ୍ ୭/୮ ପ୍ରତିଶତ୍ ଭୋଟ୍ ହେଇଛେ । ବିଧାନ୍‌ସଭା ଆସନ୍ ମାନ୍‌କର୍ ଭିତ୍‌ରୁ ସୋନ୍‌ପୁର୍ ନ ସବୁଠାନୁ ଜହ ୮୧ ଦଶ୍‌ମିକ୍ ୨/୩ ପ୍ରତିଶତ୍ ମତଦାନ୍ ହେଇଛେ ।

ଦେଶ୍ ନିର୍ବାଚନ୍ ଆର୍‌ଏନ୍‌ୟୁ/ସମ୍ବଲପୁର୍

ଦେଶେ ୫ ନମ୍ବର୍ ଖେପ୍ ସାଧାରଣ୍ ନିର୍ବାଚନ୍ ଲାଗି ଶାନ୍ତିଶୃଙ୍ଖଲାଥି ଭୋଟ୍ ଶେଷ୍ ହେଇଛେ । ମୋଟ୍ ୬୦ ଦଶ୍‌ମିକ୍ ୪/୮ ପ୍ରତିଶତ୍ ମତଦାନ୍ ହେଇଥିବାର୍ ଜନାପଡ଼ିଛେ । ଇ ଖେପେ ଓଡ଼ିଶା, ବିହାର୍, ଝାର୍‌ଖଣ୍ଡ, ମହାରାଷ୍ଟ୍ର, ଉତର୍‌ପ୍ରଦେଶ୍ ଆର୍ ପଶ୍ଚିମବଙ୍ଗ ରାଜ୍ୟ ସହେତେ ଜାମ୍ମୁ କାଶ୍ମୀର୍ ଆର୍ ଲଦାଖ୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୪୯ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯାଇଛେ । ପଶ୍ଚିମବଙ୍ଗ୍ ନ ସବୁନୁ ଜହ ୭୬ ଦଶ୍‌ମିକ୍ ଶୂନ୍/୫ ପ୍ରତିଶତ୍ ଆଉ ମହାରାଷ୍ଟ୍ର ନ ସବୁନୁ କମ୍ ୫୪ ଦଶ୍‌ମିକ୍

୩/୩ ପ୍ରତିଶତ୍ ମତଦାନ୍ ହେଇଥିବାର୍ ନିର୍ବାଚନ୍ କମିଶନ୍ଙ୍କର୍ ୱେବ୍‌ସାଇଟ୍‌ନୁ ଜନାପଡ଼ିଛେ । ହେନ୍ତା ଲଦାଖ୍ ନ ୬୯ ଦଶ୍‌ମିକ୍ ୬/୨ ପ୍ରତିଶତ୍ ମତଦାନ୍ ହେଇଛେ ।

ଅମିତ୍ ଶାହା ସମ୍ବଲପୁର୍ ଗସ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜେପିର୍ ବରିଷ୍ଠ ନେତା ଆଉ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସ୍‌ବେ । ସେ ପହେଲା ସମଲେଶ୍ୱରୀ ମନ୍ଦିର୍ ନ ଦର୍ଶନ୍ କର୍‌ବେ । ତାର୍‌ଉତ୍‌ରୁ ପିଏଚ୍‌ଡ଼ି ପଡ଼ିଆ ନ ଗୁଟେ ଜନସଭାକେ ସମ୍ବୋଧିତ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଗଲାରାତିସେ ଝାର୍‌ସୁଗୁଡ଼ାଠାନେ ପୁହୁଁଚିଛନ୍ ।
ହେନ୍ତା ଆଏବା କାଏଲ୍ କେନ୍ଦ୍ରମନ୍ତ୍ରୀ ଗିରିରାଜ୍ ସିଂ ଆଉ ସ୍ମୃତି ଇରାନୀ ଭିଲ୍ ସମ୍ବଲ୍‌ପୁର୍ ଗସ୍ତଥି ଆସୁଥିବାର ଜନାପଡ଼ିଛେ ।

ବ୍ଲକ୍ ଗ୍ରାଂଟ୍ କର୍ମଚାରୀ ବିଜ୍ଞପ୍ତି ରଦ୍ଦ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ବ୍ଲକ୍ ଗ୍ରାଂଟ୍ କଲେଜ୍‌ର ଅଧ୍ୟାପକ ଆଉ ସେମାନ୍‌କର୍ କର୍ମଚାରୀମାନ୍‌କୁ ପେନ୍‌ସନ୍ ଜାଗା ନ ଏକକାଳୀନ୍

ପ୍ରାପ୍ୟ ପ୍ରଦାନ୍ ଲାଗି ରାଜ୍ୟ ସର୍କାର୍ ଜାରି କରିଥିବା ବିଜ୍ଞପ୍ତିକେ ହାଇକୋର୍ଟ ଗଲାକାଏଲ୍ ରଦ୍ଦ କରିଛନ୍ । ଗଲା ମାସ ୨୪ ତାରିଖ୍ ହାଇକୋର୍ଟ ଇ ବିଜ୍ଞପ୍ତି ଉପ୍ରେ ରହିତାଦେଶ୍ ଜାରି କରିଥିଲେ । ଭିନ୍ ଭିନ୍ ପକ୍ଷଙ୍କୁ ଶୁନ୍ଲା ଉତ୍ରୁ ହାଇକୋର୍ଟର ବିଚାର୍ପତି ବିଜ୍ଞପ୍ତିକେ ଅଯଥାର୍ଥ ବଲି ଦର୍ଶେଇଥିବାର୍ ଜନାପଡ଼ିଛେ ।

ହାଇକୋର୍ଟ-ଖରାଛୁଟି ଆର୍ଏନ୍ୟୁ / ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ନ ଆଏଜ୍ଠାନୁ ଆଏବା ଜୁନ୍ ମାସର୍ ୧୭ ତାରିକ୍ତକ୍ ଖରାଛୁଟି ଘୋଷ୍ନା କରାଯାଇଛେ । ଜୁନ୍ ୧୮ ତାରିଖ୍ ଦିନ କୋର୍ଟ ଖୁଲ୍ବା । ହେଲେ ଖରାଛୁଟି ସମିଆଥି ଇ ମାସର୍ ୨୩, ୨୮, ୩୦ ଆର୍ ଆଏବା ମାସର୍ ୪, ୬, ୧୧ ଆର୍ ୧୨ ତାରିଖ୍ ଦିନ ଛୁଟୀକାଳୀନ ଖଣ୍ଡପୀଠ ବସ୍ବା ବଲି ଗଲାକାଏଲ୍ ହାଇକୋର୍ଟଙ୍କର୍ ତର୍ଫୁ ବାହାର୍ କରାଯାଇଥିବାର୍ ବିଜ୍ଞପ୍ତିଥି କୁହାଯାଇଛେ ।

ଇରାନ୍ ରାଷ୍ଟ୍ରପତି, ବୈଦେଶିକ୍ ମନ୍ତ୍ରୀ ମୃତ ପି.ଆଇ.ବି.

ଇରାନ୍‌ର ରାଷ୍ଟ୍ରପତି ଡକ୍ଟର୍ ସୟଦ୍ ଇବ୍ରାହିମ୍ ରେଇଜି ଆର୍ ବୈଦେଶିକ ମନ୍ତ୍ରୀ ହୁସେନ୍ ଅମିର୍ ଅବଦୋଲ୍ଲାଇଆନ୍‌ଙ୍କର୍ ହେଲିକେପ୍ଟର୍ ଦୁର୍ଘଟଣାଥି ଜୀବନ୍ ଯାଇଛେ । ତାଙ୍କର୍ ଉଦ୍ଦେଶ୍‌ଥି ଆଏଜ୍ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଦେଶେ ଦିନ୍‌କିଆ ରାଷ୍ଟ୍ରୀୟ ଶୋକ ଘୋଷ୍‌ନା କରାଯାଇଛେ । ଇ ସମିଆଥି ଜାତୀୟ ପତାକାକେ ଅର୍ଦ୍ଧନମିତ କରାଯିବା । ଇତାର୍‌ସହେତେ ଦେଶେ କେନ୍‌ସି ପ୍ରକାର୍ ସର୍‌କାରୀ ଉତ୍ସବ୍ ନାଇଁ କରାଯାଏ ।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଚଲ୍‌ତି ଶିକ୍ଷାବଛର୍ ଲାଗି ରାଜ୍ୟର୍ ସବୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍‌ର ୧ ନୁ ୮ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କୁ ଟି-ସାର୍ଟ, ପେଂଟ୍, ଜୁତା ଆର୍ ପରିଚୟ ପତ୍ର ମିଲ୍‌ବା । ଇ ସୁବିଧା ରାଜ୍ୟର୍ ଅନୁସୂଚିତ ଜାତି, ଆଉ ଜନଜାତି ବିଭାଗ୍ ଅଧୀନ୍‌ଥି ଥିବା ସବୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଭିଲ୍ ପାଏବେ । ଇଥିର୍‌ଲାଗି ଝନେ ଛୁଆର୍ ଲାଗି ୫ ଶହ ଟଙ୍କା ଖର୍ଚ୍ଚା ହେବା ।

## ସଂସ୍କୃତି ବିଭାଗ୍ ନିର୍ଦ୍ଦେଶକ୍- ଅତିରିକ୍ତ ଦାୟିତ୍ୱ

ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ନିର୍ଦ୍ଦେଶକ୍ ଦିଲ୍ଲୀପ୍ ରାଉତ୍‌ରାୟ ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ସଂଗୀତ୍ ନାଟକ୍ ଏକାଡେମୀର ସଭାପତି ଆର୍ ଉପସଭାପତିର୍ ଅତିରିକ୍ତ ଦାୟିତ୍ୱ ଗ୍ରହଣ୍ କରିଛନ୍ । ଦୁହି ଏକାଡେମୀର୍ ଇ ପଦ୍‌ବୀ ନ ଥିବାର୍ ବ୍ୟକ୍ତିବିଶେଷଙ୍କର୍ କାର୍ଯ୍ୟକାଲ ଗଲାକାଏଲ୍ ପୁରା ହେଇଥିବାର୍‌ନୁ ସେ ଆଗ୍‌କେ ନିର୍ଦ୍ଦେଶ୍‌ତକ୍ ଇ ଦୁହି ଦାୟିତ୍ୱଥି ରହେବେ ।

## ମୁଖ୍ୟମନ୍ତ୍ରୀ- ବାୟୁ ସ୍ୱାସ୍ଥ୍ୟସେବା

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୪ ଟା ଭିତ୍‌ରିଆ ଜିଲ୍ଲା ମାଲ୍‌କାନ୍‌ଗିରି , ନବରଙ୍ଗ୍‌ପୁର୍, ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ନ ଆଏବା ମାସର୍ ପହେଲା ନାହେତ ୨ ନମ୍ବର୍ ହପ୍ତାଥି ଫେର୍‌ଘାଏ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ମୁଲ୍ ହେବା ବଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ପ୍ରାଚୀନ ସଭ୍ୟତା- କଲାହାଣ୍ଡି ଆର୍ଏନ୍ୟୁ / ସମ୍ବଲପୁର

କଲାହାଣ୍ଡି ଜିଲ୍ଲାର୍ ଜୁନାଗଡ୍ ସହରେ ପ୍ରାଚୀନ୍ ନଗର୍ ସଭ୍ୟତା ଥିବାର୍ ଜନାପଡ଼ିଛେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆଉ ରାୟଗଡ଼ା ସ୍ୱୟଂଶାସିତ୍ କଲେଜ୍ର ଇତିହାସ୍ ବିଭାଗ୍ର ଅଧ୍ୟାପକ ମାନ୍କର୍ ତର୍ଫୁ କରାଯାଇଥିବାର୍ ଗବେଷଣା ଆଉ ଅନୁସନ୍ଧାନନୁ ଇ ସୂଚ୍ନା ମିଳିଛେ । ଜୁନାଗଡ୍ ସହର୍ ଆଉ ହାତୀନଦୀ ଖଁଡ଼ି ନ ଆଗ୍ରୁ ପ୍ରାଚୀନ୍ ଯୁଗ୍ ଠାନୁ ମଧ୍ୟଯୁଗତକ୍ ପ୍ରତ୍ନତାତ୍ତ୍ୱିକ ଅବଶେଷ ରହିଛେ ବଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟର୍ ଅଧ୍ୟାପକ ଲୋକେଶ୍ ଦୁର୍ଗା କହିଛନ୍ । ସେ ଇଲାକା ନ ଖନନ ସମିଆଥି ପଥର୍ ଆଉ ଇଟାର ସାମଗ୍ରୀ, ପୁରାତନ୍ ମନ୍ଦିର୍, ମୂର୍ତ୍ତି, ମାଟିର ବର୍ତନ, ମିଳିଥିଲା ବଲି ଜନାପଡ଼ିଛେ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ଦକ୍ଷିଣ୍ ପଶ୍ଚିମ ବଙ୍ଗୋସାଗର୍ ନ ଆଏବା ବୁଧବାର୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ତାରିଖ୍ ଆଡ଼େ ଇଟା ଅବପାତର ରୂପ ନେଇପାରେ । ଇତାର୍ ପ୍ରଭାବ୍ଥି ଉପକୂଳ ଓଡ଼ିଶା ସହେତେ ଆଉ କେତେଟା ଜିଲ୍ଲା ନ

ଜବର୍ ବର୍ଷା ହେବା । ଇତାର୍‌ସହେତେ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବୁହିବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୩ ତାରିଖ୍ ସଖାଲୁ ସମୁଦ୍ର ଅଶାନ୍ତ ରହେବା । ହେଥିର୍‌ଲାଗି ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ନାଇଁ ଯିବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ବାରଣ୍ କରିଛନ୍ । ସମୁଦ୍ର ଭିତ୍‌ରେ ଥିବା ମତ୍ସ୍ୟଜୀବୀମାନେ ଆଏବା ୨୩ ତାରିଖ୍‌ତକ୍ ଫିରିଆସ୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।